# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 1 April - 2026

***********************************

## ମୁଖ୍ୟ ସମ୍ବାଦ

- ଦେଶରେ ଦୁଇ ମାସ ପାଇଁ ମହଜୁଦ ରହିଛି ଅଶୋଧିତ ତୈଳ
- ସତ୍ୟବାଦୀ ଅଂଚଳର ପୁନର୍ବିକାଶ ସହିତ ପୁରୀରେ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର ଓ ହେରିଟେଜ କରିଡର ନିର୍ମାଣ କରାଯିବ; କହିଲେ ମୁଖ୍ୟମନ୍ତ୍ରୀ
- ଭୁବନେଶ୍ୱରଠାରେ ଗ୍ଲୋବାଲ ଭିସା ଆବେଦନ କେନ୍ଦ୍ର ଉଦ୍‌ଘାଟିତ
- ରାଜ୍ୟରେ ଧାନକିଣା ଅବଧିକୁ ଆଉ ସାତ ଦିନ ବୃଦ୍ଧି କଲେ ସରକାର

ଏବଂ

- କାଳବୈଶାଖୀ ପ୍ରଭାବରେ ରାଜ୍ୟର ୬ଟି ଜିଲ୍ଲାରେ ବଜ୍ରପାତ ସହିତ ବର୍ଷା ସମ୍ଭାବନା

— ପ୍ରବଳ ଗରମ ଓ ଗୁଳୁଗୁଳି ନେଇ ଗଞ୍ଜାମ, ଗଜପତି, ପୁରୀ ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

## ଗ୍ୟାସ୍ ମୂଲ୍ୟ

କେନ୍ଦ୍ର ସରକାର ଇନ୍ଧନ ମୂଲ୍ୟର ବୃଦ୍ଧିକୁ ରୋକିବା ପାଇଁ ଉତ୍ପାଦ ଶୁଳ୍କ ହ୍ରାସ କରିଛନ୍ତି। ପେଟ୍ରୋଲ ଓ ଡିଜେଲର ମୂଲ୍ୟ ସ୍ଥିର ରଖିବା ପାଇଁ ରପ୍ତାନୀ ଶୁଳ୍କ ଲାଗୁ କରିଛନ୍ତି ବୋଲି ପେଟ୍ରୋଲିୟମ୍ ଓ ଗ୍ୟାସ୍ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୂଜାତା ଶର୍ମା କହିଛନ୍ତି। ନୂଆଦିଲ୍ଲୀଠାରେ ଆୟୋଜିତ ଆନ୍ତଃମନ୍ତ୍ରୀସ୍ତରୀୟ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀମତୀ ଶର୍ମା କହିଛନ୍ତି, ଦେଶରେ ଦୁଇମାସ ପାଇ ଅଶୋଧିତ ତୈଳ ମହଜୁଦ ରହିଛି। ରିଫାଇନାରୀଗୁଡ଼ିକ ପୂର୍ଣ୍ଣକ୍ଷମତାରେ ଚାଲୁ ରହିଛି। ଘରୋଇ ଉପଭୋକ୍ତାଙ୍କ ପାଇଁ ପେଟ୍ରୋଲ ଓ ଡିଜେଲ ଦରରେ କୌଣସି ବୃଦ୍ଧି ଘଟିନାହିଁ।

## ଓଡ଼ିଶା ଦିବସ-୨୦୨୬

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ' ଆଜି ୯୧ ବର୍ଷରେ ପଦାର୍ପଣ କରିଛି। ୧୯୩୬ ମସିହା ଏପ୍ରିଲ ମାସ ଆଜିର ଦିନରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ଗଠନ କରାଯାଇଥିଲା । ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଆଜି ଏକ ଗର୍ବ ଏବଂ ଗୌରବର ଦିନ ।

ପୁରୀ ଜିଲ୍ଲା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ଜନ୍ମପୀଠ ସୁଆଣ୍ଡୋଠାରେ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ଓଡ଼ିଶାର ଜନସାଧାରଣ ତଥା ଯୁବପିଢ଼ିଙ୍କୁ ବରପୁତ୍ରମାନଙ୍କ ସ୍ମୃତି ସହିତ ଯୋଡ଼ି ରଖିବାକୁ ଏବଂ ସେମାନଙ୍କ ତ୍ୟାଗ ଓ ବଳିଦାନରେ ଅନୁପ୍ରେରିତ ହେବା ପାଇଁ ଏହି କାର୍ଯ୍ୟକ୍ରମକୁ ବରପୁତ୍ରମାନଙ୍କ ଜନ୍ମସ୍ଥାନରେ

କରାଯାଉଛି। ଓଡ଼ିଆ ଜାତିକୁ କେହି ଅଟକାଇ ପାରିବେ ନାହିଁ। ସମସ୍ତ କ୍ଷେତ୍ରରେ ପୂର୍ଣ୍ଣ ସାମର୍ଥ୍ୟ ହାସଲ କରି ଓଡ଼ିଆ ଜାତି ଏକ ସମୃଦ୍ଧ ରାଜ୍ୟ ଭାବରେ ଦେଶର ଗ୍ରୋଥ ଇଞ୍ଜିନ୍ ହୋଇ ବିଶ୍ୱ ପଟ୍ଟଳରେ ଭାରତର ମର୍ଯ୍ୟାଦାକୁ ବୃଦ୍ଧି କରିବ। ପଣ୍ଡିତ ଗୋପବନ୍ଧୁଙ୍କ ଅମ୍ଳାନ ସ୍ମୃତିକୁ ଆହୁରି ଦିପ୍ତୀମାନ କରିବା ପାଇଁ ତାଙ୍କ ପୀଠର ବିକାଶ ଓ ସୌନ୍ଦର୍ଯ୍ୟକରଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ସତ୍ୟବାଦୀ ବନବିଦ୍ୟାଳୟ ଓ ସମଗ୍ର ଅଂଚଳର ବିକାଶ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ସରକାର ୫୮୫ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରିବେ।

ଐତିହାସିକ ବକୁଳବନର ପୁନରୁଥାନ ଓ ବିକାଶ ପାଇଁ ପ୍ରାୟ ୯୦ କୋଟି ଟଙ୍କା ବିନିଯୋଗ କରାଯିବ। ୪୯୫ କୋଟି ଟଙ୍କାରେ ସତ୍ୟବାଦୀ ଅଂଚଳର ପୁନର୍ବିକାଶ କରାଯିବା ସହିତ ପୁରୀରେ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର, କ୍ରୁଜ ଟର୍ମିନାଲ ଓ ହେରିଟେଜ କରିଡର ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉତ୍କଳ ଦିବସ ଅବସରରେ ରାଜ୍ୟବ୍ୟାପୀ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଯାଇଛି।

**ଦେବଗଡ଼** ଜିଲ୍ଲାରେ ଆୟୋଜିତ ସମାରୋହରେ ଜିଲ୍ଲାପାଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବରପୁତ୍ରମାନଙ୍କ ଫଟୋଚିତ୍ର ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

**ଯାଜପୁର** ଜିଲ୍ଲା ପ୍ରଶାସନ ପକ୍ଷରୁ ଉତ୍କଳ ଦିବସ ଏବଂ ୩୩ତମ ଜିଲ୍ଲା ପ୍ରତିଷ୍ଠା ଦିବସରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ

ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ମନ୍ତ୍ରୀ ଶ୍ରୀ ପାତ୍ର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଏକ ଫଟୋ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ ।

**ସୁବର୍ଣ୍ଣପୁର** ଠାରେ ଆୟୋଜିତ ସମାରୋହରେ ଜିଲ୍ଲାପାଳ ନୃପରାଜ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହିତ ଓଡ଼ିଶା ତଥା ସୁବର୍ଣ୍ଣପୁର ଜିଲ୍ଲାର କ୍ରମବିକାଶ ଉପରେ ଆଲୋକପାତ କରିଥିଲେ ।

**କେନ୍ଦ୍ରାପଡ଼ା** ସଂସ୍କୃତିଭବନଠାରେ ଆୟୋଜିତ ଉତ୍ସବରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ଗଠନରେ ବରପୁତ୍ରମାନଙ୍କର ଅବଦାନକୁ ସ୍ମରଣ କରିବା ସହିତ ରାଜ୍ୟ ଓ ଜିଲ୍ଲାର ସାମଗ୍ରିକ ବିକାଶ ଉପରେ ମତ ରଖିଥିଲେ ।

**ବୌଦ୍ଧ** ଠାରେ ଜିଲ୍ଲାସ୍ତରୀୟ ଉତ୍କଳ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ଟାଉନ୍‌ହଲ୍‌ଠାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଯୋଗଦେଇଥିଲେ ।

**ନୂଆପଡା** ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ସମାରୋହରେ ଜିଲ୍ଲାପାଳ ମଧୁସୂଦନ ଦାଶ ଯୋଗଦେଇ ଓଡ଼ିଶାର ବରପୁତ୍ରମାନଙ୍କ ଅବଦାନକୁ ସ୍ମରଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

**ଗଞ୍ଜାମ** ଛତ୍ରପୁର ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ସମାରୋହରେ ଜିଲ୍ଲାପାଳ ଭି.କିର୍ତ୍ତି ଭାସନ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ ।

**ସମ୍ବଲପୁର** ଜିଲ୍ଲା ପ୍ରଶାସନ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ ଉତ୍ସବରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ ଓଡ଼ିଶା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବରପୁତ୍ରମାନଙ୍କ ଉପରେ ଆଲୋଚନା କରିଥିଲେ।

## ଭିସା ଆବେଦନ

ଭୁବନେଶ୍ୱର ବରମୁଣ୍ଡାଠାରେ ଗ୍ଲୋବାଲ ଭିସା ଆବେଦନ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଉଦ୍‌ଘାଟନ କରିଛନ୍ତି। ବ୍ରିଟେନ୍, ଅଷ୍ଟ୍ରିୟା, ସ୍ୱିଜରଲ୍ୟାଣ୍ଡ ପାଇଁ ୭ ତାରିଖରେ ଆବେଦନ ଆରମ୍ଭ ହେବ। ଆୟାରଲ୍ୟାଣ୍ଡ, ଇଟାଲୀ, ଜାପାନ, ଇଷ୍ଟୋନିୟା ପାଇଁ ୧୦ ତାରିଖ ଏବଂ ଇଜିପ୍ଟ, ମରକ୍କୋ ପାଇଁ ୧୭ ତାରିଖ ଅନ୍ୟ ଦେଶପାଇଁ ଆସନ୍ତା ମାସରୁ ଭିସା ପାଇଁ ଆବେଦନ କରାଯିବ। ସାଧାରଣ ଲୋକଙ୍କୁ ଅନ୍ୟ ସଂସ୍ଥା ଉପରେ ଆଉ ନିର୍ଭର କରିବାକୁ ପଡିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଧାନକିଣା ଅବଧି

ରାଜ୍ୟରେ ଖରିଫ୍ ଧାନକିଣା ଅବଧିକୁ ସରକାର ଆଉ ୭ ଦିନ ବୃଦ୍ଧି କରିଛନ୍ତି। ଟୋକେନ୍ ପାଇଥିବା ସମସ୍ତ ଚାଷୀଙ୍କଠାରୁ ଅଗ୍ରାଧିକାର ଭିତ୍ତିରେ ଧାନ କିଣାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଜଣେ ହେଲେ ଚାଷୀଙ୍କ ଟୋକେନ୍ ଲାପ୍ସ ଯିବନାହିଁ, ସେଥିପ୍ରତି ସରକାର ଗୁରୁତ୍ୱ ଦେଉଛନ୍ତି। ଚଳିତ ଖରିଫ୍ ଋତୁରେ ୭୭ ଲକ୍ଷ ମେଟ୍ରିକ୍‌ଟନ୍ ଧାନ କ୍ରୟ ସରିଛି। ଏହି ଅବଧି ମଧ୍ୟରେ ୧୮ ଲକ୍ଷ ୬୪ ହଜାର

ଚାଷୀ ଧାନ ବିକ୍ରୟ କରିଛନ୍ତି । ଚାଷୀଙ୍କ ଖାତାକୁ ୨୨ ହଜାର ୮୮୪ କୋଟି ଟଙ୍କା ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ମାଧ୍ୟମରେ ପଠାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

**- V/O - (**କୃଷ୍ଣଚନ୍ଦ୍ର ପାତ୍ର**)**

## ପ୍ରତିଷ୍ଠା ଦିବସ

ଓଡ଼ିଶା ପୁଲିସ୍ ଆଜି ତା'ର ୯୧ତମ ପ୍ରତିଷ୍ଠା ଦିବସ ପାଳନ କରୁଛି । ରାଜ୍ୟକୁ ସୁରକ୍ଷିତ ଶାନ୍ତିପୂର୍ଣ୍ଣ ଓ ନିଶାମୁକ୍ତ ଭାବେ ଗଢ଼ିବା ପାଇଁ ଓଡ଼ିଶା ପୁଲିସ୍ ସଂକଳ୍ପବଦ୍ଧ ବୋଲି ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିୟା କହିଛନ୍ତି ।

**ନୟାଗଡ଼** ରିଜର୍ଭ ପୁଲିସ୍ ପଡିଆରେ ଆୟୋଜିତ ପ୍ରତିଷ୍ଠା ଦିବସ ପାଳନ ସମାରୋହରେ ମୁଖ୍ୟଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଏସ୍.ସୁଶ୍ରୀ ଯୋଗଦେଇ ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କିଛି କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

**ବୌଦ୍ଧ** ଜିଲ୍ଲା ପୁଲିସ୍ ଓ ପଂଚମ ଆଇଆରବି ବାଟାଲିୟନ ପକ୍ଷରୁ ଆୟୋଜିତ ପୁଲିସ୍ ପ୍ରତିଷ୍ଠା ଦିବସରେ ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ ଯୋଗଦେଇ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ ।

## ଚାଟବଟ୍

ପୁରୀ ଜିଲ୍ଲାରେ ନାଗରିକ ସେବାକୁ ଆହୁରି ସୁବିଧାଜନକ, ଦ୍ରୁତ ଏବଂ ଲୋକାଭିମୁଖୀ କରିବା ପାଇଁ ଜିଲ୍ଲା ପୁଲିସ୍ ପକ୍ଷରୁ ନୂତନ ପଦକ୍ଷେପ ସ୍ୱରୂପ ପୁଲିସ୍ ସହାୟକ ହ୍ୱାଟସ୍ଆପ୍ ଚାଟ୍‌ବଟ୍ ସେବାର ଆଜି ଶୁଭାରମ୍ଭ ହୋଇଯାଇଛି। କେନ୍ଦ୍ରାଞ୍ଚଳ ଆଇ.ଜି. ସତ୍ୟଜିତ୍ ନାୟକ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ଏହି ସେବାର ଶୁଭାରମ୍ଭ କରିଛନ୍ତି। ଆଧୁନିକ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ପୁରୀ ପୁଲିସ୍ ନାଗରିକ ଓ ପର୍ଯ୍ୟଟକମାନଙ୍କୁ ୨୪ ଘଣ୍ଟିଆ ସହଜ ଏବଂ ତ୍ୱରିତ ସେବା ପ୍ରଦାନ କରିବା ଏହି ସେବାର ମୁଖ୍ୟ ଲକ୍ଷ୍ୟ ରହିଛି।

## ଆଲୋଚନାଚକ୍ର

ବିକଶିତ ଓଡ଼ିଶା ଗଠନ ପାଇଁ ସୁନିୟନ୍ତ୍ରିତ ଓ ସ୍ଥାୟୀ ସହରୀକରଣର ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆଜି ଭୁବନେଶ୍ୱରସ୍ଥିତ ଖାରବେଳଭବନଠାରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସହରାଞ୍ଚଳ ଜମି ପରିଚାଳନା ଉପରେ ଏକ ଉଚ୍ଚସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାାସନ ସଚିବ ତଥା ଇଡ୍‌କୋର ଅଧକ୍ଷା ଉଷା ପାଢ଼ୀ କାର୍ଯ୍ୟକ୍ରମରେ ଯୋଗଦେଇ  ଭବିଷ୍ୟତ ପାଇଁ ପ୍ରସ୍ତୁତ ତଥା ସ୍ଥାୟୀ ସହର ଗଠନ ଏବଂ ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର ପାଇଁ ସୁଚିନ୍ତିତ ଓ ରଣନୈତିକ ଜମି ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅବସରପ୍ରାପ୍ତ ପ୍ରଶାସନିକ ସେବା ଅଧିକାରୀ ହରିବଲ୍ଲଭ ମିଶ୍ର ସହରାଞ୍ଚଳ ଜମି ପରିଚାଳନାର ଆଇନଗତ, ପ୍ରଶାସନିକ ଏବଂ ନୀତିଗତ ଦିଗଗୁଡ଼ିକ ଉପରେ ବିସ୍ତୃତ ଉପସ୍ଥାପନା କରିଥିଲେ।

## ସଡକ ଯୋଜନା

ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି **ନବରଙ୍ଗପୁର** ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଗସ୍ତ ଅବସରରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଉମରକୋଟ ବ୍ଲକ୍‌ରେ ପାଞ୍ଚଟି ରାସ୍ତା ସଂଯୋଗୀକରଣ ନିମନ୍ତେ ଶିଳାନ୍ୟାସ କରିଛନ୍ତି। ପ୍ରତ୍ୟେକ ରାସ୍ତା ପାଇଁ ୧୦ ଲକ୍ଷ ୫୦ ହଜାର ଟଙ୍କାର ବ୍ୟୟବରାଦ ରହିଛି। ମନ୍ତ୍ରୀ ଶ୍ରୀ ଗଣ୍ଡ ଆଜି କୁର୍ସିଠାରେ ତିନିକୋଟି ଟଙ୍କା ବ୍ୟୟ ଅଟକଳରେ ଏକ ହଷ୍ଟେଲ ନିର୍ମାଣର ମଧ୍ୟ ଶିଳାନ୍ୟାସ କରିଛନ୍ତି।

## ପାଣିପାଗ

କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଗାମୀ ତିନିଦିନ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ନୂଆପଡ଼ା, ନବରଙ୍ଗପୁର, ପୁରୀ, ଜଗତ୍‌ସିଂହପୁର, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଆସନ୍ତା ୨୪ ଘଣ୍ଟାରେ ବଜ୍ରପାତ ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ  ସତର୍କ ସୂଚନା ଜାରି କରାଯାଇଛି। ସ୍ଥଳବିଶେଷରେ ପବନର ବେଗ ଘଣ୍ଟାପ୍ରତି ୩୦ ରୁ ୪୦ କିଲୋମିଟର ରହିବା ନେଇ ଅନୁମାନ କରାଯାଇଛି।

ପ୍ରବଳ ଗରମ ଏବଂ ଗୁଳୁଗୁଳି ନେଇ ଗଞ୍ଜାମ, ଗଜପତି, ପୁରୀ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।